# -: <u>ଦିବ୍ୟ ଜୀବନ</u> :-

Edited by M. Gayatri

ଦିବ୍ୟ ଜୀବନ ହେଉଛି ଚେତନାର ଅଭିଯାତ୍ରା। ଶ୍ରୀମା'ଙ୍କ ଭାଷାରେ:-

"The only hope for the future is in a change of man's consciousness and the change is bound to come.

But it is left to men to decide if they will collaborate for this change or if it will have to be enforced upon them by the power of crashing circumstances.

So, wake up and collaborate!" (The Mother's Agenda-Vol-5/p-46)

ଅର୍ଥାତ୍:- " ଭବିଷ୍ୟତର ଏକମାତ୍ର ଆଶା ହେଉଛି ମଣିଷର ଚେତନାର ପରିବର୍ତ୍ତନ ଏବଂ ଏହି ପରିବର୍ତ୍ତନ ନିଶ୍ଚିତ ଭାବେ ଘଟିବ।

କିନ୍ତୁ ଏହା ମଣିଷ ମାନଙ୍କୁ ନିଷ୍ପତ୍ତି ନେବାପାଇଁ ଛାଡ଼ି ଦିଆଯାଇଛି, ସେମାନଙ୍କୁ ଏହି ପରିବର୍ତ୍ତନ ରେ ସହଯୋଗ କରିବାକୁ ପଡ଼ିବ କିମ୍ବା ପରିସ୍ଥିତିର ଭୀଷଣ ଚାପରେ ସେମାନେ ପରିବର୍ତ୍ତନ ହେବାକୁ ବାଧ୍ୟ ହେବେ । ତେଣୁ ଜାଗ୍ରତ ହୁଅ ଏବଂ ସହଯୋଗ କର।"

ଚେତନା ର ସଂଜ୍ଞା ହେଲା: ଅଜ୍ଞାନତା ମଧ୍ୟରେ ବୁଦ୍ଧିର ବହୁବିଧ ପ୍ରଚେଷ୍ଟା ଏବଂ ଜ୍ଞାନ ମଧ୍ୟରେ ବୌଦ୍ଧିକ ବା intuition ଶକ୍ତିର ସ୍ଵାଭାବିକ କ୍ରିୟାଶୀଳତା ଓ ସମନ୍ୱୟ; ଯଦ୍ଦ୍ୱାରା ଜଣେ ଆଂଶିକ ଜ୍ଞାନ ବା ପ୍ରଜ୍ଞାନ ଏବଂ ସାମଗ୍ରିକ ଜ୍ଞାନ ବା ସଜ୍ଞାନ କୁ ପ୍ରାପ୍ତ ହୁଏ। ଚେତନାର ଆରୋହଣ ଏବଂ ଅବତରଣ ଦ୍ୱାରା ଆଧ୍ୟାତ୍ମିକ ବିବର୍ତ୍ତନ ସମ୍ଭବ ଏବଂ ଏହାଦ୍ୱାରା ଜଣେ ଦିବ୍ୟ ଜନନୀ ଶ୍ରୀମା'ଙ୍କ ଅସୀମ ଚେତନାକୁ ଆଂଶିକ ଭାବରେ ଜାଣିପାରେ। ଏହି ଚେତନାର ଗତିକୁ ତ୍ୱରାନ୍ୱିତ କରିବା ଦ୍ୱାରା ଜଣେ ଦିବ୍ୟ ଜନନୀଙ୍କ ଚେତନାକୁ ସାମଗ୍ରୀକ ଭାବେ ଜାଣିବା ଦିଗରେ ଅଗ୍ରସର ହୁଏ।

ଶ୍ରୀ ଅରବିନ୍ଦଙ୍କ **"ଦିବ୍ୟ ଜୀବନ"** ପୁସ୍ତକରେ ମଣିଷ ଜୀବନକୁ ପଶାଖେଳ ବା Game of gamble ଭାବରେ ଗ୍ରହଣ କରାଯାଇଛି। ଏହି ଖେଳ ଆତ୍ମା ଓ ଆତ୍ମାକୁ ବରଣ କରିଥିବା ଜଡ ମଧ୍ୟରେ ଚାଲେ। ଏହି ଖେଳର ଗୋଟି ବା dice ହେଉଛି ଭାଗ୍ୟ। ଯେଉଁମାନେ ଭାଗ୍ୟର ଗୋଟି ଚାଳନା କରି ଆତ୍ମା ଓ ଜଡ ମଧ୍ୟରେ ଥିବା ସମ୍ପର୍କକୁ ଆବିଷ୍କାର କରିପାରନ୍ତି, ସେମାନେ ଏହି

ଖେଳରେ ବିଜୟ ହାସଲ କରନ୍ତି । ସେମାନେ ଆତ୍ମଶକ୍ତିକୁ ଜଡ ମଧ୍ୟରେ ଅନୁପ୍ରବେଶ କରିବାର ସାମର୍ଥ୍ୟ ହାସଲ କରନ୍ତି । ଯେତେ ଯେତେ ବ୍ରହ୍ମ ଚେତନା ଜଡ ମଧ୍ୟରେ ପ୍ରବେଶ କରେ ଜଡ ସେତେ ସେତେ ଦିବ୍ୟତାରେ ରୂପାନ୍ତର ହୁଏ। ଯେଉଁମାନେ ଆତ୍ମା ଓ ଜଡ ମଧ୍ୟରେ ଥିବା ସମ୍ପର୍କକୁ ଆବିଷ୍କାର କରିପାରନ୍ତି ନାହିଁ, ସେମାନେ ଏହି ଜୀବନ ରୂପକ ପଶା ଖେଳରେ ପରାଜୟକୁ ବରଣ କରନ୍ତି । ସେମାନେ ବାରମ୍ବାର ପୃଥିବୀରେ ଜନ୍ମ ନେଇ ଆତ୍ମା ଓ ଜଡ ମଧ୍ୟରେ ଥିବା ସମ୍ପର୍କକୁ ଆବିଷ୍କାର କରିବା ନିମନ୍ତେ ଲାଗିପଡନ୍ତି ଏବଂ ଶେଷରେ ସେହି ଅବିଭାଜିତ ଦିବ୍ୟଜୀବନ ଏବଂ ତାର ସର୍ବତ୍ର ପରିବ୍ୟାପ୍ତ ଶକ୍ତି ଓ ସାମର୍ଥ୍ୟ ଏବଂ ସର୍ବତ୍ର ପରିବ୍ୟାପ୍ତ ଜ୍ଞାନକୁ ଲାଭ କରନ୍ତି।

ଯେଉଁମାନେ ଏହି ପଶା କିମ୍ବା ଭାଗ୍ୟର ଖେଳରେ ବିଜୟ ହାସଲ କରନ୍ତି ସେମାନେ ହେଲେ ବିକଶିତ ଆତ୍ମା ବା ପରିପକ୍ୱ ଆତ୍ମା।  ପୂର୍ଣ୍ଣ ଯୋଗରେ ସେମାନେ ସପ୍ତ ବିକାରରୁ ମୁକ୍ତ ବୋଲି ବର୍ଣ୍ଣନା କରାଯାଇଛି। ସେହି ସପ୍ତ ବିକାର ହେଲା:-

i.Hatred ବା ଘୃଣା

ii.Disliking ବା ଅନାଦର ମନୋଭାବ

iii.Scorn ବା ଉପହାସ

iv. Repulsion ବା ପ୍ରତିକର୍ଷଣ

v. Clinging ବା ଅସତ୍ୟକୁ ଜାବୁଡ଼ି ଧରିବା

vi· Attachment ବା ଆସକ୍ତ

vii. Preference ବା ଅଭିରୁଚି

ସେମାନେ ନିଜର ନିଜସ୍ୱ ପୃଥକ୍ ପରିଚୟକୁ  ଭଗବାନଙ୍କ ନିକଟରେ ହରାଇବା ଦ୍ୱାରା ନିଜ ଜୀବନକୁ ସୁରକ୍ଷିତ ମନେ କରନ୍ତି।

ଯେଉଁମାନେ ଏହି ପଶା କିମ୍ବା ଭାଗ୍ୟର ଖେଳରେ ହାରିଯାଆନ୍ତି, ସେମାନେ ହେଲେ ବିକାଶଶୀଳ ଆତ୍ମା ବା ଅପରିପକ୍ୱ ଆତ୍ମା। ସେମାନେ ଧାର୍ମିକ ଆଚରଣ, ପାରିବାରିକ କର୍ତ୍ତବ୍ୟବୋଧ (Family obligation), ଜୀବିକା ନିର୍ବାହ ପାଇଁ ବୃତ୍ତି (profession) ଏବଂ ସାମାଜିକ କର୍ତ୍ତବ୍ୟବୋଧ (Social duty) ଭିତରେ ନିଜ ଜୀବନକୁ ବାନ୍ଧି ଦେଇଥାନ୍ତି।

ସେମାନେ ନିଜ ସ୍ୱାର୍ଥରେ ଟିକିଏ ବି ବାଧା ଆସିଲେ ବିଦ୍ରୋହ ଏବଂ ଚିତ୍କାର କରି ଉଠନ୍ତି। ସେମାନେ ନିଜର ନିଜସ୍ୱ ପୃଥକ୍ ପରିଚୟକୁ ବଢ଼ାଇବା ଦ୍ୱାରା ଜଗତରେ ନିଜକୁ ସୁରକ୍ଷିତ ମନେ କରନ୍ତି।

ପୃଥିବୀ ସହ ବନ୍ଧା ବିକାଶଶୀଳ ଆତ୍ମା ନିଜର ତମସ, ରଜସ ଓ ସତ୍ତ୍ୱ ରୂପକ ତିନି ସୁବର୍ଣ୍ଣ ଶିଙ୍କୁଳି ବା three golden chain କୁ ତ୍ୱରାନ୍ୱିତ ଦ୍ରୁତ ଗତିରେ ଘୂର୍ଣ୍ଣାୟମାନ କରିବା ଦ୍ୱାରା ସତ୍ତ୍ୱ ଅଭିବୃଦ୍ଧି ଏବଂ ଗୁଣାତୀତ ଏକ ଉଚ୍ଚତର ଚେତନାକୁ ପ୍ରାପ୍ତ ହୁଅନ୍ତି। ଯାହା ଶ୍ରୀମଦ୍ ଭଗବତ୍ ଗୀତାରେ କୁହାଯାଇଛି "ବୁଦ୍ଧି ପରୋଽତସ୍ତୁ ସଃ" (The Gita-3.42) ଅର୍ଥାତ୍: ସେ ଅକ୍ଷର ପୁରୁଷ ବା ଆଧ୍ୟାତ୍ମିକ ପୁରୁଷ ବୁଦ୍ଧିର ଉର୍ଦ୍ଧ୍ୱରେ ଅବସ୍ଥାନ କରନ୍ତି। ସେହି ବିକାଶଶୀଳ ଆତ୍ମାର ଦିବ୍ୟ ଜୀବନ ବିଧିନିର୍ଦ୍ଦିଷ୍ଟ ହୋଇଯାଏ, ଯେତେବେଳେ ତା' ହୃଦୟ ମଧ୍ୟରେ ଥିବା ଚୈତ୍ୟ ପୁରୁଷ ଏବଂ ମସ୍ତିଷ୍କ ଉର୍ଦ୍ଧ୍ୱରେ ଥିବା ଆଧ୍ୟାତ୍ମିକ ପୁରୁଷଙ୍କ ଦ୍ୱାର ଉନ୍ମୋଚନ ହୋଇଯାଏ।

ଜଣେ ମୁକ୍ତ ଆତ୍ମା ସମଗ୍ର ବିଶ୍ୱ ଚେତନା ଏବଂ ବିଶ୍ୱାତୀତ ଚେତନାର କେନ୍ଦ୍ର ବିନ୍ଦୁ ହୋଇପାରିବ ଏବଂ ଦିବ୍ୟ ଶକ୍ତିକୁ ଜଗତ ମଧ୍ୟକୁ ଅବତରଣ କରିପାରିବ। ତେଣୁ ଦିବ୍ୟ ଜୀବନ ବଞ୍ଚିବାର ପ୍ରଥମ ସର୍ତ୍ତ ହେଲା:- ପୃଥିବୀରେ ବଞ୍ଚି ରହିବା ଏକ ଶରୀରକୁ ନେଇ ନୁହେଁ ଯିଏକି ମୃତ୍ୟୁ, ଯନ୍ତ୍ରଣା ଏବଂ କାମନାର ଅଧୀନସ୍ଥ, କିନ୍ତୁ ଜୀବନର ଏକ ପ୍ରସ୍ଫୁଟନ ଯାହାକି ଚେତନାର ପ୍ରସାରଣ ଏବଂ ଉର୍ଦ୍ଧାୟନ ଦ୍ୱାରା ସମ୍ଭବ।

ଦିବ୍ୟ ଜୀବନ ବଞ୍ଚିବାର ଦ୍ୱିତୀୟ ସର୍ତ୍ତଟି ହେଲା:- ଅଜ୍ଞାନତା, ସିମୀତତା ଏବଂ ସ୍ଥୂଳ ମନ, ପ୍ରାଣ ଓ ଶରୀରକୁ ଅତିକ୍ରମ କରି ଆତ୍ମାରେ ଜୀବନ ବଞ୍ଚିବା।

ଦିବ୍ୟ ଜୀବନ ବଞ୍ଚିବାର ତୃତୀୟ ସର୍ତ୍ତଟି ହେଲା:- ଜଡ ମଧ୍ୟରେ ଆତ୍ମ ଶକ୍ତିକୁ କ୍ରିୟାଶୀଳ ଏବଂ ଗତିଶୀଳ କରାଇବା ଯଦ୍ୱାରା ପୃଥିବୀରେ ଆତ୍ମ ଅଭିବ୍ୟକ୍ତି ଏବଂ ଦିବ୍ୟ ଅଲୌକିକ ଘଟଣା ସମ୍ଭବ।

ଦିବ୍ୟ ଜୀବନ ବଞ୍ଚିବାର ଚତୁର୍ଥ ସର୍ତ୍ତ ହେଲା:- ଜଡବଦ୍ ଜୀବନ ମଧ୍ୟରେ ନିଜକୁ ସଙ୍କେନ୍ଦ୍ରିତ ନ କରି ଏକ ଆନ୍ତର ଏବଂ ଉଚ୍ଚତର ଚେତନାର ଦ୍ୱାରା ଜୀବନକୁ ପ୍ରସ୍ଫୁଟିତ କରିବା; ଯାହାକି ମଣିଷକୁ ଏକ ଶାଶ୍ୱତ ଜୀବନ ଆଡକୁ ନେଇ ଯାଇପାରିବ।

ଦିବ୍ୟ ଜୀବନ ବଞ୍ଚିବାର ପଞ୍ଚମ ସର୍ତ୍ତଟି ହେଲା:- ଆମ ଚେତନାର ଶ୍ରେଣୀ ସକଳର ପ୍ରସାରଣ, ସମୟ ପରିଧି ମଧ୍ୟରେ ହେଉଥିବା କର୍ମର ପ୍ରସାରଣ ଏବଂ ମନ, ପ୍ରାଣ ଓ ଶାରୀରିକ ଚେତନା ଏକ ବିଶ୍ୱାତୀତ ଚେତନାକୁ ପ୍ରାପ୍ତ ହେବା ନିମନ୍ତେ ଯନ୍ତ୍ର ଭାବରେ ଯତ୍ନଶୀଳ ହୁଅନ୍ତି ; ଯଦ୍ଦ୍ୱାରା ଦିବ୍ୟଶକ୍ତି ଆମ ମଧ୍ୟରେ ବାସକରେ, ଚିନ୍ତାକରେ, କର୍ମକରେ ଏବଂ ଆମ ଜୀବନକୁ ଗଢ଼ିତୋଳେ।

ଦିବ୍ୟ ଜୀବନ ବଞ୍ଚିବାର ଶେଷ ସର୍ତ୍ତ ହେଲା:- ଚେତନା ଏଭଳି ଏକ ଦୁର୍ଲଭ ଅବସ୍ଥାକୁ ପ୍ରାପ୍ତ ହେବ ଯେଉଁଠାରେ ଦିବ୍ୟ ନିୟମ, ଦିବ୍ୟ ଶୃଙ୍ଖଳା ଏବଂ ଦିବ୍ୟ ସତ୍ୟ ସହାବସ୍ଥାନ କରନ୍ତି। ସେଠାରେ ଜୀବନ ହୋଇଉଠେ ବୈଚିତ୍ରମୟ ଏବଂ ବିଭିନ୍ନତା ମଧ୍ୟରେ ଏକତ୍ୱର ଉପଲବ୍ଧି।

ପ୍ରତ୍ୟେକ ମଣିଷର ଭବିଷ୍ୟତ ନିୟତି ହେଉଛି ସପ୍ତବିଧ ଚେତନା ଶକ୍ତି ଦ୍ୱାରା ଜୀବନକୁ ରୂପାନ୍ତରିତ କରିବା, ଯାହାକୁ ପ୍ରାଚୀନ ଋଷିମାନେ କହିଛନ୍ତି ବ୍ରହ୍ମ ହେଉଛି ଜଡ, ବ୍ରହ୍ମ ହେଉଛି ପ୍ରାଣ, ବ୍ରହ୍ମ ହେଉଛି ମନ, ବ୍ରହ୍ମ ହେଉଛି ବିଜ୍ଞାନ ଏବଂ ସେହି ବ୍ରହ୍ମ ହେଉଛି ସଚ୍ଚିଦାନନ୍ଦଙ୍କର ତ୍ରିବିଧ ନିରଙ୍କୁଶ ଚେତନା। ଏହାହିଁ ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କର ଅତ୍ୟନ୍ତ ଅପରିହାର୍ଯ୍ୟ ଭବିଷ୍ୟତ ନିୟତି। ଏହି ତ୍ରିବିଧ ନିରଙ୍କୁଶ ସଚ୍ଚିଦାନନ୍ଦ ଚେତନା ବିଷୟରେ ପରମ ପ୍ରଭୁ ଶ୍ରୀ ଅରବିନ୍ଦ କହିଛନ୍ତି:-

"There is a consciousness mind cannot touch,

Its speech cannot utter nor its thought reveal.

It has no home on earth, no centre in man,

Yet is the source of all things thought and done,

The fount of the creation and its works.

It is the origin of all truth here," Savitri-705

ଅର୍ଥାତ୍:- "ଏଭଳି ଏକ ପରମ ଚେତନା ସର୍ବତ୍ର ପରିବ୍ୟାପ୍ତ ଏବଂ ସର୍ବତ୍ର ବିଦ୍ୟମାନ, ଯାହାକୁ ମନ ସ୍ପର୍ଶ କରିପାରେ ନାହିଁ, ପ୍ରବଚନ କିମ୍ବା ଚିନ୍ତା ଦ୍ୱାରା ତାକୁ ଧରି ହୁଏନାହିଁ କି ବ୍ୟକ୍ତ କରିହୁଏ ନାହିଁ। ପୃଥିବୀରେ ଏହି ଚେତନାକୁ ଧାରଣ କରିବା ପାଇଁ କୌଣସି ଆଧାର ନାହାନ୍ତି ଏବଂ ଏହି ଚେତନାର କେନ୍ଦ୍ର ମଣିଷ ନୁହେଁ,ତଥାପି ଏହି ପରମ ଚେତନା ପ୍ରତ୍ୟେକ କର୍ମ ଓ ଚିନ୍ତନର ଉତ୍ସ ଏବଂ ସୃଷ୍ଟି ଓ ତା'ର କାର୍ଯ୍ୟକାରୀ ଶକ୍ତିର ମୂଳଉତ୍ସ। ଏଠାରେ ଥିବା ସମସ୍ତ ସତ୍ୟର ଏହି ପରମ ଚେତନା ହିଁ ହେଉଛି ମୂଳ କେନ୍ଦ୍ର।"

ଓଁ ତତ୍ ସତ୍



ଶ୍ରୀ ମାତୃନିକେତନ ଆଶ୍ରମ ଶ୍ରୀ ଅରବିନ୍ଦ କେନ୍ଦ୍ର,

Managed by The Mother’s International Centre Trust,

Regd.No-146/24.11.97. ଗ୍ରାମ: ରାମଚନ୍ଦ୍ରପୁର, ସା: କୁକୁଡାଖଣ୍ଡି-୭୬୧୧୦୦

Via: ବ୍ରହ୍ମପୁର, ଜିଲା: ଗଞ୍ଜାମ, ଓଡିଶା, ଭାରତ

https://www.srimatriniketanashram.com/odia-section

https://www.srimatriniketanashram.com